# ପାରାଦ୍ୱୀପ ପୌର ପରିଷଦର ନବ ନିର୍ବାଚିତ ପାରିଷଦମାନଙ୍କର ପ୍ରଥମ ଅଧିବେଶନର ବିବରଣୀ

ଅଦ୍ୟ ତା ୧୭.୪.୨୦୧୫ ରିଖ ଦିବା ଘ୧୦.୦୦ଟିକା ସମୟରେ ପାରାଦ୍ୱୀପ ପୌର ପରିଷଦର ପ୍ରଥମ ଅଧିବେଶନ ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ନିମ୍ନଲିଖିତ ନବ ନିର୍ବାଚିତ ପାରିଷଦମାନେ ଉପସ୍ଥିତ ଥିଲେ ।

| | | | |
|---|---|---|---|
| ୧. | ଶ୍ରୀମତୀ ବିଦ୍ୟୁଲତା ସ୍ୱାଇଁ | ପାରିଷଦ | ୱାର୍ଡ ନଂ ୧ |
| ୨. | ଶ୍ରୀଯୁକ୍ତ ଅଜୟ ନାୟକ | ପାରିଷଦ | ୱାର୍ଡ ନଂ ୨ |
| ୩. | ଶ୍ରୀମତୀ ଲିଲି ସାମଲ | ପାରିଷଦ | ୱାର୍ଡ ନଂ ୩ |
| ୪. | ଶ୍ରୀମତୀ ଶିଳାରାଣୀ ଜେନା | ପାରିଷଦ | ୱାର୍ଡ ନଂ ୪ |
| ୫. | ଶ୍ରୀମତୀ ପ୍ରତିମା ମିଞ୍ଜ | ପାରିଷଦ | ୱାର୍ଡ ନଂ ୫ |
| ୬. | ଶ୍ରୀମତୀ ମଂଜୁଲତା ଜେନା | ପାରିଷଦ | ୱାର୍ଡ ନଂ ୬ |
| ୭. | ଶ୍ରୀଯୁକ୍ତ ଅନିଲ କୁମାର ବେହେରା | ପାରିଷଦ | ୱାର୍ଡ ନଂ ୭ |
| ୮. | ଶ୍ରୀମତୀ ରାଜଲକ୍ଷ୍ମୀ ଷଡଙ୍ଗୀ | ପାରିଷଦ | ୱାର୍ଡ ନଂ ୮ |
| ୯. | ଶ୍ରୀମତୀ ଇନ୍ଦ୍ରମା ମହାପାତ୍ର | ପାରିଷଦ | ୱାର୍ଡ ନଂ ୯ |
| ୧୦. | ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ରାଉତ | ପାରିଷଦ | ୱାର୍ଡ ନଂ ୧୦ |
| ୧୧. | ଶ୍ରୀମତୀ ପ୍ରଭାତୀ ନାୟକ | ପାରିଷଦ | ୱାର୍ଡ ନଂ ୧୧ |
| ୧୨. | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ | ପାରିଷଦ | ୱାର୍ଡ ନଂ ୧୨ |
| ୧୩. | ଶ୍ରୀମତୀ ଚପଳା ସ୍ୱାଇଁ | ପାରିଷଦ | ୱାର୍ଡ ନଂ ୧୩ |
| ୧୪. | ଶ୍ରୀଯୁକ୍ତ ମନୋଜ କୁମାର ବେହେରା | ପାରିଷଦ | ୱାର୍ଡ ନଂ ୧୪ |
| ୧୫. | ଶ୍ରୀଯୁକ୍ତ ମାନସ ରଂଜନ ବିଶ୍ୱାଳ | ପାରିଷଦ | ୱାର୍ଡ ନଂ ୧୫ |
| ୧୬. | ଶ୍ରୀଯୁକ୍ତ ଚିତ୍ତରଂଜନ ରାଉତରାୟ | ପାରିଷଦ | ୱାର୍ଡ ନଂ ୧୬ |
| ୧୭. | ଶ୍ରୀଯୁକ୍ତ କମ୍ବଲ ରାମବାବୁ | ପାରିଷଦ | ୱାର୍ଡ ନଂ ୧୭ |
| ୧୮. | ଶ୍ରୀଯୁକ୍ତ କେ. ଜଗନ୍ନାଥ ରାଓ | ପାରିଷଦ | ୱାର୍ଡ ନଂ ୧୮ |
| ୧୯. | ଶ୍ରୀମତୀ ଶଶ୍ମିତା ପରିଡା | ପାରିଷଦ | ୱାର୍ଡ ନଂ ୧୯ |

ରାଜ୍ୟ ନିର୍ବାଚନ ଆୟୋଗଙ୍କ ପତ୍ରାଙ୍କ ୬୦୧୩ ତା ୧୯.୧୨.୧୪ରିଖ ଅନୁଯାୟୀ ଡ. ରାମକୃଷ୍ଣ ସାହୁ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ନିୟମ ୬୮ (୪) ଏବଂ ନିୟମ ୬୯ (୩) ଓଡ଼ିଶା ମ୍ୟୁନିସିପାଲ (ୱାର୍ଡ ମାନଙ୍କର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ ୧୯୯୪

ଅନୁସାରେ ପାରାଦ୍ୱୀପ ପୌର ପରିଷଦର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିବାକୁ କ୍ଷମତା ପ୍ରାପ୍ତ ହୋଇଛନ୍ତି ।

ଉକ୍ତ ନିର୍ଦ୍ଦେଶ ମତେ ଏବଂ ଉପରୋକ୍ତ ନିୟମ ଅନୁଯାୟୀ ସମସ୍ତ ନବ ନିର୍ବାଚିତ ପାରିଷଦମାନଙ୍କୁ ଅଧିବେଶନରେ ଯୋଗଦେବା ପାଇଁ ତା ୧୦.୦୪.୨୦୧୫ରିଖରେ ବିଧିବଦ୍ଧ ଭାବେ ନୋଟିସ୍ ପ୍ରଦାନ କରାଯାଇଥିଲା ଏବଂ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଆଦେଶ କ୍ରମେ ପୌରାଧ୍ୟକ୍ଷ ନିର୍ବାଚନ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ମତେ ଅଧିବେଶନର କାର୍ଯ୍ୟ ଆରମ୍ଭ କରାଗଲା ।

| | | |
|---|---|---|
| ୧. | ମନୋନୟନ ପତ୍ର ଦାଖଲ- | ପୂର୍ବାହ୍ନ ଘ୧୦.୦୦ଟିକା ଠାରୁ ପୂର୍ବାହ୍ନ ଘ ୧୧.୦୦ଟିକା |
| ୨. | ମନୋନୟନ ପତ୍ର ଯାଞ୍ଚ - | ପୂର୍ବାହ୍ନ ଘ୧୧.୦୦ଟିକା ଠାରୁ ମଧ୍ୟାହ୍ନ ଘ୧୨.୦୦ଟିକା |
| ୩. | ପ୍ରାର୍ଥୀତ୍ୱ ପ୍ରତ୍ୟାହାର - | ଅପରାହ୍ନ ଏକ ଘଟିକା ପୂର୍ବରୁ |
| ୪. | ଭୋଟ ଗ୍ରହଣ, ଗଣତି ଓ - ଫଳାଫଳ ଘୋଷଣା (ନିୟମ ୭୨ ଅନୁଯାୟୀ) | ଅପରାହ୍ନ ଘ୧.୩୦ଟିକା ଠାରୁ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ |

ପ୍ରଥମେ ଉପସ୍ଥିତ ନବ ନିର୍ବାଚିତ ପାରିଷଦମାନଙ୍କୁ ସଭାପତି ସ୍ୱାଗତ କରି ପୌରାଧ୍ୟକ୍ଷ ନିର୍ବାଚନ ପାଇଁ ଏହି ଅଧିବେଶନ ଆହୁତ ହୋଇଛି ବୋଲି ପ୍ରକାଶ କରିଥିଲେ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ଫଳାପଳ ଘୋଷଣା ହେବା ପର୍ଯ୍ୟନ୍ତ ସମସ୍ତ ପାରିଷଦମାନେ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ । ପାରାଦ୍ୱୀପ ପୌର ପରିଷଦର ପୌରାଧ୍ୟକ୍ଷ ପଦ ପଛୁଆବର୍ଗ ନାଗରିକମାନଙ୍କ ପାଇଁ ସଂରକ୍ଷିତ ରହିଥିବା କଥା ମଧ୍ୟ ସୂଚାଇ ଦିଆଯାଇ ଥିଲା । ଅଧ୍ୟକ୍ଷ ନିର୍ବାଚନ ନିୟମ ୭୨ (୪) (୧)କୁ ମଧ୍ୟ ସଭାପତି ବୁଝାଇ ଥିଲେ । ନିୟମ ଅନୁଯାୟୀ ୨ ରୁ ଅଧିକ ପ୍ରାର୍ଥୀ ନିର୍ବାଚନରେ ଭାଗ ନେଲେ ବାଦ ପ୍ରକ୍ରିୟା ପ୍ରୟୋଗ କରାଯାଇ ପରିଶେଷରେ ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ସୀମିତ କରି ଅଧ୍ୟକ୍ଷ ନିର୍ବାଚନ କରାଯିବ ବୋଲି ବୁଝାଇଥିଲେ । ପୁନଶ୍ଚ ବୁଝାଇ ଦିଆ ଯାଇଥିଲା ଯେ ଯଦି ୨ ଜଣ ଯାକ ପ୍ରାର୍ଥୀ ସମାନ ସଂଖ୍ୟକ ଭୋଟ ପାଇଥିବେ ତେବେ ଲଟରୀ ଉଠାଯିବ ଏବଂ ତଦ୍ୱାରା ଯେଉଁ ପ୍ରାର୍ଥୀଙ୍କ ନାମ ଉଠିବ ସେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବେ ।

ଉଦ୍ଦିଷ୍ଟ ଭୋଟ କାଗଜରେ ଭୋଟ ଦାନ ପାଇଁ କ୍ରସ୍‌ମାର୍କର ବ୍ୟବସ୍ଥା କରାଯାଇଛି । ଏହା ବ୍ୟତିତ ଅନ୍ୟ କୌଣସି ଚିହ୍ନ ବ୍ୟବହାର କରାଯାଇ ପାରିବ ନାହିଁ । ଭୋଟ କାଗଜରେ ଭୋଟର ଦସ୍ତଖତ କଲେ ତାହା ନାକଚ ହେବ ବୋଲି ବୁଝାଇ ଦିଆଗଲା ।

(୧) ପରେ ପରେ କାର୍ଯ୍ୟକ୍ରମ ଅନୁଯାୟୀ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ମନୋନୟନ ପତ୍ର ଦାଖଲ କରିବାକୁ କୁହାଯାଇ ଥିଲା । **ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ ପାରିଷଦ ୱାର୍ଡ ନଂ. ୧୨ ପୂର୍ବାହ୍ନ ଘ୧୦.୩୫ଟିକା ସମୟରେ ୩ (ତିନି) ସେଟ୍ ପ୍ରାର୍ଥୀପତ୍ର ଦାଖଲ କଲେ ।**

(୨) ପୂର୍ବାହ୍ନ ଘ୧୧.୦୦ଟିକା ସମୟରେ ଉପରୋକ୍ତ ତିନି ସେଟ୍ ମନୋନୟନପତ୍ର ଯାଞ୍ଚ କରାଯାଇ ମନୋନୟନ ପତ୍ର ଠିକ୍ ଥିବାର ଦେଖାଗଲା ଏବଂ ଅପରାହ୍ନ ଘ ୧.୦୦ଟିକା ପର୍ଯ୍ୟନ୍ତ ପ୍ରାର୍ଥୀତ୍ୱ ପ୍ରତ୍ୟାହାର ପର୍ଯ୍ୟନ୍ତ ଅପେକ୍ଷା କରାଗଲା । ଅପରାହ୍ନ ଘ୧.୦୦ଟିକା ସମୟରେ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ ଏକ ମାତ୍ର ପ୍ରାର୍ଥୀ

ରୂପେ ମନୋନୟନ ପତ୍ର ଦାଖଲ କରିଥିବାର ଦେଖାଗଲା ।

(୩) ଉପରୋକ୍ତ କାରଣ ଦୃଷ୍ଟେ କୌଣସି ପ୍ରତିଦ୍ୱନ୍ଦିତା ନଥିବାରୁ ଭୋଟ ଗ୍ରହଣର ଆବଶ୍ୟକତା ପଡିଲା ନାହିଁ ଏବଂ **ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ** ପାରିଷଦ ୱାର୍ଡ ନଂ ୧୨ ଙ୍କୁ ସଭାପତି ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ରୂପେ ନିର୍ବାଚିତ ହେଲେ ବୋଲି ଘୋଷଣା କଲେ ଏବଂ ଅଭିନନ୍ଦନ ଜଣାଇଥିଲେ ।

ପରିଶେଷରେ ଧନ୍ୟବାଦ ସହ ସଭା ସାଙ୍ଗ କରାଗଲା ।

ଅଧ୍ୟକ୍ଷ, ନିର୍ବାଚନର ପ୍ରିଜାଇଡିଂ ଅଧିକାରୀ
ତଥା
ନିର୍ବାଚନ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା......୪୨୮ (୨୦)....../ ତା....୧୩/୪/୧୮...../ରିକ

ଏହାର ଏକକିତା ନକଲ ସମସ୍ତ ପାରିଷଦ ଓ ସର୍ବସାଧାରଣଙ୍କ ଗୋଚରାର୍ଥେ ପାରାଦ୍ୱୀପ ପୌର ପାଳିକା ନୋଟିସ୍ ବୋର୍ଡରେ ନଟକା ଜାରି କରାଗଲା ।

ଅଧ୍ୟକ୍ଷ, ନିର୍ବାଚନର ପ୍ରିଜାଇଡିଂ ଅଧିକାରୀ
ତଥା
ନିର୍ବାଚନ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା......୪୨୯ (୩)....../ ତା....୧୩/୪/୧୮...../ରିକ

ଏହାର ଏକକିତା ନକଲ ରାଜ୍ୟ ନିର୍ବାଚନ କମିସନ, ଓଡ଼ିଶା / ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା / ଜିଲ୍ଲାପାଳ, ଜଗତସିଂହପୁରଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

ଅଧ୍ୟକ୍ଷ, ନିର୍ବାଚନର ପ୍ରିଜାଇଡିଂ ଅଧିକାରୀ
ତଥା
ନିର୍ବାଚନ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦ